# ରସାୟନରହିତ ପାରମ୍ପାରିକ ପଦ୍ଧତି ଅବଲମ୍ବନ କରି ବିଭିନ୍ନ ଫସଲରେ ରୋଗ ଏବଂ କୀଟ ପରିଚାଳନା

## ଉପକ୍ରମ :

ଆମରାଜ୍ୟରେ ବିଭିନ୍ନ ପ୍ରକାର ଜଳବାୟୁ ତଥା ମାଟି ଏବଂ ଜମିର ପ୍ରକାରଭେଦ ଦେଖାଯାଇଥାଏ । ଏଥିପାଇଁ, କୃଷକମାନେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଫସଲ କରିଥାନ୍ତି । ଏହି ଫସଲଗୁଡିକୁ ପ୍ରମୁଖ ରୋଗ ଏବଂ ପୋକ ସମୂହରୁ ରକ୍ଷା କରିବାପାଇଁ ସାଧାରଣତଃ କୃଷକମାନେ ରାସାୟନିକ ପଦ୍ଧତି ଅବଲମ୍ବନ କରିଥାନ୍ତି । ଏହି ରାସାୟନିକ ଔଷଧଗୁଡିକର ମାତ୍ରା, ପ୍ରୟୋଗ ସମୟ ତଥା ବିଧି ବିଷୟରେ ଅନଭିଜ୍ଞତା ପ୍ରାୟତଃ ଫସଲରେ ଲାଗୁଥିବା ପୋକ ଏବଂ ରୋଗ ସମସ୍ୟାର ସଫଳ ପରିଚାଳନାରେ ବାଧା ସୃଷ୍ଟିକରିଥାଏ । ତତ୍‌ସହିତ, ଏହି ଔଷଧଗୁଡିକର ପ୍ରୟୋଗ ଫଳରେ ବାୟୁ, ଜଳ ତଥା ମୃତ୍ତିକା ପ୍ରଦୁଷଣ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ଯଥେଷ୍ଟ କୁପ୍ରଭାବ ପଡିଥାଏ । ରାସାୟନିକ ଔଷଧ ପ୍ରୟୋଗ ଫଳରେ ଅନିଷ୍ଟକାରୀ ଜୀବ ନଷ୍ଟ ହେବା ସହିତ ଉପକାରୀ ଜୀବମାନେ ମଧ୍ୟ ପ୍ରଭାବିତ ହୋଇଥାନ୍ତି । ଏହାର ପ୍ରୟୋଗ ଫଳରେ କୃଷକମାନଙ୍କର ଏକକ ଜମିରେ ହେଉଥିବା ଚାଷ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଥାଏ । ଏହିସବୁ ସମସ୍ୟାଗୁଡିକୁ ଆଖିଆଗରେ ରଖି, ବର୍ତ୍ତମାନ ସମୟରେ ରସାୟନରହିତ କୀଟ ଏବଂ ରୋଗ ପରିଚାଳନାକୁ ଅଧିକ ଗୁରୁତ୍ୱଦେବା ଆବଶ୍ୟକ ହୋଇପଡିଛି । କେତେକ ଗବେଷଣାଲବ୍ଧ ଜ୍ଞାନରୁ ଏହା ସ୍ପଷ୍ଟ ଯେ, ପାରମ୍ପାରିକ ଉପାୟ ଅବଲମ୍ବନ କରି ମଧ୍ୟ କୃଷିକାର୍ଯ୍ୟକୁ ସଫଳରୂପେ କରାଯାଇ ପାରିବ । ଏହି ସମ୍ବନ୍ଧରେ କିଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିମ୍ନରେ ପ୍ରଦତ୍ତ କରାଯାଇଛି, ଯାହାକି ଭବିଷ୍ୟତରେ ଚାଷ ଖର୍ଚ୍ଚକୁ କମାଇବା ସହିତ ପରିବେଶକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ।

## କ) ଧାନ ଫସଲ :



- ଖରାଟିଆ ଗଭୀର ଚାଷକଲେ ରୋଗ ଜୀବାଣୁ, ଅନିଷ୍ଟକାରୀ ପୋକ ତଥା ବହୁମାତ୍ରାରେ ଅନାବନା ଘାସମଞ୍ଜି ଏବଂ ଚେର ନଷ୍ଟହୋଇ ପରବର୍ତ୍ତୀ ସମୟରେ ଧାନ ଫସଲକୁ ପ୍ରଭୂତ କ୍ଷତିରୁ ରକ୍ଷା କରିଥାନ୍ତି ।
- ସବୁଜସାର ତଥା ଯଥେଷ୍ଟ ଖତ ପକାଇବା ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଉନ୍ନତ ହେବାସହ ଧାନ ଫସଲରେ ପ୍ରମୁଖ ରୋଗଗୁଡିକ ନିୟନ୍ତ୍ରଣ ହୋଇଥାଏ । ଏହାଦ୍ୱାରା ମାଟିରେ ଉପକାରୀ ଅଣୁଜୀବମାନଙ୍କର ସଂଖ୍ୟା ବୃଦ୍ଧି ଘଟେ ଏବଂ ଅନିଷ୍ଟକାରୀ ରୋଗ ଜୀବାଣୁଗୁଡିକ ଅପସରି ଯାଇଥାନ୍ତି ।
- ଧାନ ତଳିଘେରାରେ ଜଳିଥିବା କାଠର ପାଉଁଶ ପକାଇବାଦ୍ୱାରା, ତଳିଗୁଡିକ ସୁସ୍ଥ ଏବଂ ସତେଜ ରୁହନ୍ତି ତଥା ଶିଘ୍ର ବଢନ୍ତି ।